# OFFICE OF THE TAHASILDAR, PALLAHARA

## ତହସିଲଦାରଙ୍କ କାର୍ଯ୍ୟାଳୟ, ପାଳଲହଡା

Telephone: 06765-279233(O) || Website: www.angul.nic.inE-mail: tah.palla-od@nic.in


ବିଜ୍ଞାପନ ପତ୍ର ସଂଖ୍ୟା. ୪୦୧୪ /ତାରିଖ. ୦୮.୦୮.୨୦୨୨ //

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାଳଲହଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନକୁ ଅନୁନ୍ୟ ୦୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ବା ସଂସ୍ଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନରେ ବର୍ଣିତ FORM-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ/କାଗଜାତ ସଲଗ୍ନ କରି ଜଉମୁଦ ଲଫାପା (Sealed Cover) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. ୨୫.୦୮.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲ ଅଫିସରେ ଉଦ୍ଧିଷ୍ଟ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ବା Registered/Speed Post ମାଧ୍ୟମରେ ତହସିଲଦାର, ପାଳଲହଡାଙ୍କ ଠିକଣାରେ ପଠାଇପାରିବେ ।ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେସ ନମ୍ବର ଲେଖିଥିବା ଆବଶ୍ୟକ ।

ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକୁ ତା. ୨୬.୦୮.୨୦୨୨ ରିଖ ଦିବା ୧୧.୦୦ ଘଟିକା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ Additional Charge ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ କିମ୍ବା ଯୋଗ୍ୟ ବିବେଚିତ ହୋଇପାରିନଥାନ୍ତି ତାହେଲେ ଦ୍ୱିତୀୟ ଥର ପାଇଁ ତା. ୦୨.୦୯.୨୦୨୨ ରିଖ ଦିନ ଅପରାହ୍ନ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା. ୦୯.୦୯.୨୦୨୨ ରିଖ ଦିନ ଅପରାହ୍ନ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବରେ ଦରଖାସ୍ତ କରିପାରିବେ । ସେଗୁଡିକୁ ସେହିଦିନ ଅପରାହ୍ନ ୫.୦୦ ଘଟିକା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ Additional Charge ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।ଲିଜ ତନଖି ସମୟରେ ଦରଖାସ୍ତକାରି କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି ।

Tahasildar
Pallahara

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Non-Refundable) । ଏହି (0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) Head of Accounts ରେ ଜମା ହେବା ବିଧେୟ ।

୨. ଆବେଦନ କରିଥିବା ଲିଜ ନିମିତ୍ତ ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. ଦରଖାସ୍ତକାରୀଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୪. Income Tax return of previous financial year showing annual income for an amount not less than the amount of additional charge offered and the royalty payable for the minimum guaranteed quantity for one whole year or Bank guarantee valid for a period of eighteen months for the amount not less than the amount as above.

୫. ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତ ସ୍ଥାବର ସଂପତ୍ତିର ତାଲିକା ଦାଖଲ କରିବେ ।

୬. ଆବେଦନକାରୀ ଅମାନତ ରାଶି (Earnest Money) ସ୍ୱରୂପ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ର ରୟାଲଟି ଓ Minimum Additional Charge ର ଶତକଡା ୫ ପ୍ରତିଶତ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ତହସିଲଦାର, ପାଲଲହଡାଙ୍କ ନାମରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଲଗ୍ନ କରିବା ଆବଶ୍ୟକ ଅଟେ ।

୭. Income Tax return/ G.S.T. ସାର୍ଟିଫିକେଟ ର ନକଲ ସମ୍ବନ୍ଧୀୟ ଦସ୍ତାବିଜ ଦାଖଲ କରିବେ ।

୮. PAN Card ଓ ଆଧାର କାର୍ଡର ନକଲ ଦାଖଲ କରିବା ସହ ଯୋଗାଯୋଗ ନିମନ୍ତେ Mobile ନମ୍ବର ଦାଖଲ କରିବେ ।

୯. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୧୦. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଦରଖାସ୍ତକାରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି । କୌଣସି କାରଣ ନଥାଇ ଦରଖାସ୍ତକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି। ସମସ୍ତ ଦରଖାସ୍ତକାରୀ OMMC Rules, ୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ।

Tahasildar
Pallahara
୬/୧୦/୨୨

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଓ Manual of Tahasil Account ର ପରିସର ଭୁକ୍ତ ରହିବେ ଏବଂ ପାଳନ କରିବାକୁ ବାଧ ହେବେ ।

୨. ଲିଜ ଧାରି Mines Act, 1952 ଓ Explosive Act, 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ।

୩.ଦରଖାସ୍ତ କରିବା ପୂର୍ବରୁ ସଇରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୪.ଲିଜ ଗ୍ରହଣ କରିସାରିଲା ପରେ ଲିଜ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ଵା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏଣୁ ଲିଜ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ସଇରାତ ଉତ୍ସର field position ତଥା ଅନ୍ୟାନ୍ୟ ତଥ୍ୟ ତନଖି ନେବା ଆବଶ୍ୟକ ।

୫. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୬. ଲିଜ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ **(Additional Charge)** ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ ।

୭. ସର୍ବୋଚ୍ଚ ସର୍ବାଧିକ Additional Charge ଉଲ୍ଲେଖ କରିଥିବା ଆବେଦନକାରୀ ଲିଜ ନନେଲେ ଦ୍ଵିତୀୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ କିମ୍ଵା ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ, ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୮. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ ସମସ୍ତ କାଗଜାତ ସଲଗ୍ନ ନକରି କିମ୍ଵା ଧାର୍ଯ୍ୟ Minimum Additional Charge ଠାରୁ କମ ଦରରେ ଦରଖାସ୍ତ କରିଥିବେ ତେବେ ତାଙ୍କର ଫର୍ମ M ଖାରଜ କରିଦିଆଯିବ । କୌଣସି ଅସମ୍ପୂର୍ଣ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୯. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ଗ୍ରହଣ କରିବାପାଇଁ ସୁଯୋଗ ଦିଆଯିବ ।ଯଦି ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀ, ସର୍ବୋଚ୍ଚ ନିଲାମ ଡକାଳିଙ୍କ ଠାରୁ unusually low price ଉଲ୍ଲେଖ କରିଥିବେ, ତେବେ କ୍ଷମତାପନ୍ନ ପ୍ରାଧିକାରୀ, ନିୟନ୍ତ୍ରଣ ପ୍ରାଧିକାରୀଙ୍କ ଧ୍ୟାନକୁ ନେଇ ଉପଯୁକ୍ତ ସତ୍ୟପ୍ରମାଣ ଆଧାରରେ ଲିଜକୁ ରଦ୍ଦ କରିବେ ଓ fresh auction କରିବେ ।

୧୦. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

Tahasildar
Pallahara

୧୧. ଲିଜ ଅବଧି ମଧ୍ୟରେ ସରକାରଙ୍କ ଧାର୍ଯ୍ୟ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଓ ଅନ୍ୟାନ୍ୟ ଦେୟରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଓ ଅନ୍ୟାନ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୧୨. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ F ରେ ସାତଦିନ ମଧ୍ୟରେ ଜଣାଇ ଦିଆଯିବ ଓ ସର୍ବୋଚ୍ଚ ନିଲାମଧାରୀ ୧୫ ଦିନ ମଧ୍ୟରେ ସହମତି ପତ୍ର ପ୍ରଦାନ କରିବା ସହିତ ନିମ୍ନମତେ ଅମାନତ ରାଶି (Security Money) ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି Interest-free Security deposit ଭାବରେ ରଖାଯିବ ।

**[Security Money = 25% of MGQ as approved in Mining Plan × (Royalty + Additional Charge Quoted) & DMF – Earnest Money]**

୧୩. ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସହମତି ପତ୍ର ପ୍ରଦାନ ନକରନ୍ତି ଓ ଅମାନତ ରାଶି ପଇଠ ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୧୪. ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଜଧାରୀ ଲିଜ ପାଇଥିବା ସଇରାତର Environment Clearance ଦାଖଲ କରିବେ । ଲିଜଧାରୀ ପାଇଥିବା ସଇରାତର Mining Plan ପାଇଁ ହୋଇଥିବା ଖର୍ଚ୍ଚ ଦାଖଲ କରିବେ ଏବଂ ଯଦି କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ସଇରାତ ଉପର Environment Clearance ପ୍ରସ୍ତୁତ କରିଥାନ୍ତି, ତେବେ ସେହି ବାବଦରେ ଖର୍ଚ୍ଚ ହୋଇଥିବା ସମସ୍ତ ଦେୟ ମଧ୍ୟ ଦାଖଲ କରିବେ ।

୧୫. ଲିଜ ମଞ୍ଜୁର ପରେ ଲିଜଧାରୀ Royalty, Additional Charge, Surface Rent, Dead Rent, Compensatory Afforestation Fees, DMF, EMF and TCS etc. ର ଧାର୍ଯ୍ୟ ବାର୍ଷିକ ଦେୟ ଜମା କରିବେ, ଯାହାକି ଅନୁମୋଦିତ ହୋଇଥିବା Mining Plan ରେ ଦର୍ଶାଯାଇଥିବା Minimum Guaranteed Quantity (MGQ) ଅନୁଯାୟୀ ଧାର୍ଯ୍ୟ କରାଯିବ ।

୧୬. ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ Mining Plan ତଥା Environment Clearance ଦାଖଲ କରିବା ସହିତ ସମସ୍ତ ସରକାରୀ ଦେୟ ପଇଠ କଲା ପରେ ଫର୍ମ-N ରେ ନିଜସ୍ୱ ଖର୍ଚ୍ଚରେ Registration Act, 1908 ଓ Stamp Act, 1899 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ ।

୧୭. ଖଣି ପରିଚାଳନା ପାଇଁ Regional Officer, State Pollution Control Board ଙ୍କ ନିକଟରୁ CONSENT TO ESTABLISH (CTE) ଓ CONSENT TO OPERATE ORDER (CTO) ଆଣିବା ପାଇଁ ବାଧ ହେବେ । ବିନା CTO ରେ ଲିଜଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବାଜ୍ୟାପ୍ତ କରାଯିବ ।

୧୮. ଲିଜଧାରୀ ନିଜ ଖର୍ଚ୍ଚରେ State Pollution Control Board ଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ବିବେଚିତ ହେବେ ।

୧୯. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଲିଜଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉପରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ।

Tahasildar
Pallahara

୨୦. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀ ର ଉଲ୍ଲଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।

୨୧. ଜିଲ୍ଲାପାଳ ଏବଂ Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୨୨. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

୨୩. ପରିବେଶ ସମ୍ବନ୍ଧିୟ ଅନୁମତି ଲିଜଧାରୀ ନିଜ ଖର୍ଚ୍ଚରେ ଦାଖଲ କରିବେ ।

୨୪. ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ ହେବ ।

୨୫. ପୁନଶ୍ଚ ନିଯମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୬. ଜମା ରୟାଲଟି ଓ Additional Charge ରାଶିର ୨ % ଲିଜଧାରୀ TCS ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜଧାରୀ ରୟାଲଟି ଓ Additional Charge ର ୫ % EMF ଓ ୧୦ % DMF ବାବଦକୁ ଦାଖଲ କରିବେ ।

୨୭. ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସୀମାରହଦ ଚିହ୍ନଟ କରି ସିମେଣ୍ଟ ଖୁଣ୍ଟି ଦ୍ୱାରା ବାଡ ଦେବେ ଓ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଓ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ ଧାରି ବହନ କରିବେ ।

୨୮. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ପ୍ରାଥୀ M ଫର୍ମ, ଲିଜ ସର୍ତ୍ତାବଳୀ ତଥା ସଇରାତ ର ସମସ୍ତ ବିବରଣୀ ଅବଗତ ହୋଇପାରିବେ ।

୨୯. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ ପାଲଲହଡା ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖି ପାରିବେ ।

୩୦. ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧିୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.angul.nic.in ରେ ଉପଲବ୍ଧ ହେବ ।

୩୧. ଲିଜ ଗ୍ରହଣ କରିବା ପାଇଁ ଦରଖାସ୍ତ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୩୨. ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

୩୩. ନିଲାମ ପ୍ରକ୍ରିୟା ସମୟରେ ସମସ୍ତେ COVID-19 ନିୟମ ପାଳନ କରିବାକୁ ବାଧ ହେବେ ।

ଲଘୁ ଖଣିଜ ଉତ୍ସର ସବିଶେଷ ବିବରଣୀ ସାରଣୀ-୧ ରେ ବର୍ଣ୍ଣିତ ଅଛି ।

Tahasildar
Pallahara

**ପରିପତ୍ର ସଂଖ୍ୟା** 4024 **/ତାରିଖ** 05.05.2022 **//**

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ / ଉପ-ଜିଲ୍ଲାପାଳ, ପାଲଲହଡା ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପାଲଲହଡ଼ା
Tahasildar
Pallahara

**ପରିପତ୍ର ସଂଖ୍ୟା** 4025 **/ତାରିଖ** 05.05.2022 **//**

ଏହାର ଏକକିତା ନକଲ ଅନୁଗୋଳ ଜିଲ୍ଲାର ସମସ୍ତ ତହସିଲଦାର/ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସମସ୍ତ ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସଇରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପାଲଲହଡ଼ା
Tahasildar
Pallahara

**ପରିପତ୍ର ସଂଖ୍ୟା** 4026 **/ତାରିଖ** 05.05.2022 **//**

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ/ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପାଲଲହଡାଙ୍କ ସଦୟ ଅବଗତି ତଥା ଜିଲ୍ଲା ୱେବସାଇଟରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପାଲଲହଡ଼ା
Tahasildar
Pallahara

## ସଇରାତ ଉତ୍ସର ବିବରଣୀ- ଆଗାମୀ ୦୫ ବର୍ଷ ପାଇଁ

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ଏକରରେ) | ରୟାଲଟି ମୂଲ୍ୟ (Per Cum) | ଅତିରିକ୍ତ ଦେୟ ( Additional Charges Per Cum) | ବାର୍ଷିକ MGQ (Mining Plan ଅନୁଯାୟୀ in Cum) | Earnest Money |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧. | ୧୪/୨୦୨୧-୨୨ | ରେଙ୍ଗାଳି ପଥର ଖାଦାନ | ରେଙ୍ଗାଳି | ୯୭ | ୩୪୭ | ପଥରବଣି | ଏ.୫.୦୦ | ୧୩୦.୦୦ | ୫୭.୨୦ | ୧୫୦୦.୬୦ | ୧୪୦୪୬/- |
| ୨. | ୦୧/୨୦୨୨-୨୩ | କୁଞ୍ଜାମ ବାଲି ଖଣି | କୁଞ୍ଜାମ | ୧୮୭ | ୧୧୩୭ | ନଦୀ | ଏ.୫.୦୦ | ୩୫.୦୦ | ୧୪୦.୦୦ | ୨୦୦୦ | ୧୭୫୦୦/- |
| | | | | | ୧୯୦୨ | ନଦୀ | ଏ.୩.୦୦ | | | | |
| | | | | | ୧୧୪୧ | ନଦୀ | ଏ.୩.୫୦ | | | | |
| ୩. | ୦୨/୨୦୨୨-୨୩ | ରାଇପାଳ-ଜାମୁଆ ବାଲି ଖଣି | ରାଇପାଳ | ୧୧୩ | ୫୪୨/୧୩୯୯ | ନଦୀ | ଏ.୨.୫୦ | ୩୫.୦୦ | ୧୪୦.୦୦ | ୨୦୦୦ | ୧୭୫୦୦/- |
| | | | | | ୫୪୨ | ନଦୀ | ଏ.୩.୫୦ | | | | |
| | | | ଜାମୁଆ | ୮୪ | ୬୪୮ | ନଦୀ | ଏ.୬.୦୦ | | | | |

ତହସିଲଦାର, ପାଲଲହଡ଼ା

Tahasildar
Pallahara